## ସଂକ୍ଷେପରେ

### ପୁଅ ମାଡ଼ରେ ମା'ଙ୍କ ମୃତ୍ୟୁ

ଅନୁଗୋଳ,୨୪।୧୧ (ଜ୍ୟୋତିରଞ୍ଜନ ସାହୁ)

ମା'ଙ୍କୁ ପିଟି ପିଟି ମାରିଦେଇଛନ୍ତି ପୁଅ। ଅନୁଗୋଳ ଟାଉନ ଥାନା ସୁସୁଡ଼ା ଗ୍ରାମରେ ରବିବାର ଘଟିଛି ଏହି ଅଭାବନୀୟ ଘଟଣା। ସୂଚନା ଅନୁସାରେ, ସୁସୁଡା ଗ୍ରାମର ସୁଧାକର ନାଏକଙ୍କ ପୁଅ ସରୋଜ ନାଏକ ଅନେକ ସମୟରେ ମା' ଲତା ନାଏକ (୭୦)ଙ୍କ ସହ ଝଗଡ଼ା କରନ୍ତି। ଏପରି କି ତାଙ୍କୁ ମାଡ଼ ମାରିଥାନ୍ତି। ରବିବାର ସକାଳେ ମଧ୍ୟ କୌଣସି କାରଣରୁ ସରୋଜ ମା'ଙ୍କୁ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଲତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣା ସମ୍ପର୍କରେ ଗାଁ ଲୋକ ଜାଣିବା ପରେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ସରୋଜଙ୍କୁ ଅଟକ ରଖି ପଚରାଉଚରା କରୁଛି। କେଉଁ କାରଣ ପାଇଁ ଏପରି ହତ୍ୟାକାଣ୍ଡ ଘଟିଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ମଦ୍ୟପାନ କରି ସରୋଜ ମା'ଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି।

### କର୍ମକର୍ତ୍ତା ନିର୍ବାଚିତ ରାଜେଶ ସଭାପତି, ଲକ୍ଷ୍ମୀଧର ସମ୍ପାଦକ

କାମାକ୍ଷାନଗର, ୨୪।୧୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ସର୍ବପ୍ରଥମ ପୂଜା ପ୍ରତିଷ୍ଠାନ ମୁଣ୍ଡିଦେଉଳି ବଜାର କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରାଣୀ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନୃସିଂହ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଆୟବ୍ୟୟର ସମୀକ୍ଷା କରାଯାଇ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ରାଜେଶ କୁମାର ନାଥ ସଭାପତି, ଲକ୍ଷ୍ମୀଧର ସାହୁ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ସୁବାସ ଚନ୍ଦ୍ର ନାୟକ, ସୁବ୍ରତ ରଞ୍ଜନ ସାହୁ, ମଦନ ମୋହନ ପରିଡା, ପ୍ରତାପ କୁମାର ସାହୁ, ନରେଶ କୁମାର ସାହୁ, ଅରବିନ୍ଦ ସାହୁ, ପିଣ୍ଟୁ ମହାନ୍ତି, ଶ୍ରୀରାମ ପ୍ରସାଦ ସାହୁ, ଦେବୀ ପ୍ରସାଦ ସାହୁ ରଶ୍ମୀ ରଞ୍ଜନ ମିଶ୍ର କାର୍ଯ୍ୟକାରିଣୀ ସଭ୍ୟ ଭାବେ ମନୋନୀତ ହୋଇଥିଲେ।

# ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ରାସୋଳ,୨୪।୧୧(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଅଞ୍ଚଳରେ ଏକର ଏକର ଧାନ ଫସଲ ହାତୀ ନଷ୍ଟ କରୁଥିବା ଦେଖାଦେଇଛି । ପ୍ରାୟ ୧୩ଟି ହାତୀ ଅଂଳାବେଡା, ବୁହାଳିପାଳ, ବାଙ୍କିଆ, ନାଉକିଆରୀ, କୁନୁଆଁ, ବାଲିକିଆରୀ ଆଦି ଅଞ୍ଚଳରେ ପ୍ରାୟ ଏକର ଏକର ଫସଲ ନଷ୍ଟ କରିଥିବା ଦେଖାଦେଇଛି । ବାଙ୍କିଆ ଗ୍ରାମର ମନୋଜ ମିଶ୍ରଙ୍କର ୧ ଏକର, ରଘୁନାଥ ପାଳଙ୍କ ୨୦ଗୁଣ୍ଠ, ସୁଶିଲ ପାଳଙ୍କ ୧୮ଗୁଣ୍ଠ, ଗୋବିନ୍ଦ ନାୟକଙ୍କର ୧୪ଗୁଣ୍ଠ, ବାରିହା ନାୟକଙ୍କର ୧୬ଗୁଣ୍ଠ, ତ୍ରିନାଥ ନାୟକଙ୍କର ୧୦ଗୁଣ୍ଠ, ସଞ୍ଜୟ



ସାହୁଙ୍କର ୧୨ଗୁଣ୍ଠ ଏଭଳି ଭାବରେ ପ୍ରାୟ ଏକର ଏକର ଫସଲ ନଷ୍ଟ କରିବାରେ ଲାଗିଛି । ଏହି ୧୩ଟି ହାତୀ ବାଲିକିଆରୀ ନିକଟସ୍ଥ ବାଦିବାହାଳ ଅଞ୍ଚଳରେ ରହି ସନ୍ଧ୍ୟା ହେଲେ ଧାନ ବିଲରେ ପଶି ଖାଇବା ସହ ଦଳିଚକଟି ନଷ୍ଟ କରି ପକାଉଛନ୍ତି। ରାସୋଳ ସେକ୍ସନ ବମ୍ପା ବିଟ୍ ଫରେଷ୍ଟ ଗାର୍ଡ ସବିତା ସାହୁ ଏବଂ ତାଙ୍କ ସହଯୋଗୀ ରାତିସାରା ପାଟ୍ରୋଲିଂ କରିବା ସହିତ ହାତୀ ଘଉଡ଼ାଉଛନ୍ତି । କର୍ମଚାରୀଙ୍କ ଅଭାବରୁ ଏହା ସଫଳ ହେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ହେଉଛି । ଏଥିସହିତ ବାରହା ଉପଦ୍ରବ ମଧ୍ୟ ଚରମ ସୀମାରେ ପହଁଚିଛି। ଅନେକ ଘାତ ପ୍ରତିଘାତ ଭିତରେ ଧାନଚାଷ କରି ଅମଳ ସମୟ ବେଳକୁ ନଷ୍ଟ ହେଉଥିବା ଯୋଗୁ ଚାଷୀ ଧାନଚାଷ ଉପରୁ ମୁହଁ ଫେରାଇବାକୁ ବସିଲେଣି । ସରକାର ଏଥିପ୍ରତି ଠୋସ୍ ପଦକ୍ଷେପ ନେଉନାହାନ୍ତି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୪।୧୧(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ଆରାମପୁର ଗ୍ରାମରେ ଶନିବାର ଚଢାଉ କରି ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ସୌଦାମିନୀ ବେହେରାଙ୍କ ଘରୁ ୫ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି । ଏନେଇ ପୋଲିସ ନମ୍ବର ୨୭୬/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୌଦାମିନୀ ଘରେ ଚୋରାରେ ମଦ ରଖି ବିକ୍ରି କରୁଥିବା ଖବର ପାଇ ପୋଲିସର ଏକ ଟିମ୍ ଚଢାଉ କରି ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ୨ ବାଇକ୍ ଜବତ, ୨ ଚାଳକ ଗିରଫ

ବଇଣ୍ଡା,୨୪।୧୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ଶନିବାର ଠାକୁରଗଡ ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ଠାକୁରଗଡ ଅଞ୍ଚଳର ଏସ୍. ମିଶ୍ର, ଅନୁଗୋଳ କୁଇଓ ଅଞ୍ଚଳର ଏସ୍. ଗଡନାୟକଙ୍କୁ ଗିରଫ କରିବା ସହ ବାଇକ୍ ୨ଟିକୁ ଜବତ କରିଥିଲା। ଏନେଇ ପୋଲିସ ୨ଟି ମାମଲା ରୁଜୁ କରିଛି ।

# ଓଷ୍ଟା ମେଧା ଅନ୍ୱେଷା ପରୀକ୍ଷା



ଢେଙ୍କାନାଳ,୨୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲାର ଓଷ୍ଟା ଆନୁକୂଲ୍ୟରେ ମେଧା ଅନ୍ୱେଷା ପରୀକ୍ଷା ରବିବାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଦର ଢେଙ୍କାନାଳ, ସରକାରୀ ଉଚ୍ଚ ବିଦ୍ୟାଳୟ ରାସୋଳ, କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ କମାକ୍ଷାନଗର ଆଦି ୩ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୨୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୮୨ଜଣ ଛାତ୍ରୀଛାତ୍ର ଢେଙ୍କାନାଳ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବଳ ପରୀକ୍ଷା ପରିଚାଳନା କରିଥିଲେ । ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ପରୀକ୍ଷାର ଶୁଭାରମ୍ଭ କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ଧଳ ଦାୟିତ୍ୱ ତୁଲାଇଥିଲେ । ଜିଲା ସମ୍ପାଦକ ବିଭୁତି ସାମଲ ଓ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ପରୀକ୍ଷା କାର୍ଯ୍ୟ ତୁଲାଇଥଲେ । ସଂଘର ମାର୍ଗଦର୍ଶକ ସରୋଜକାନ୍ତ ଦାସ ସହଯୋଗ କରିଥିଲେ । ଅଶ୍ୱିନୀ ରାୟ, ଗୀତାଞ୍ଜଳି ବରାଳ, ଦେବେନ୍ଦ୍ର କୁମାର ଦାସ, ପ୍ରଦ୍ୟୁମ୍ନ ଶତପଥୀ, ପ୍ରେମାନନ୍ଦ ଜେନା, ବ୍ରହ୍ମାନନ୍ଦ ପ୍ରଧାନ, ଅମୂଲ୍ୟ କୁମାର ସାହୁ, ସୁରେଶ ପ୍ରଧାନ, ମଧୁସୂଦନ ରାଉତ, ଅଶ୍ୱିନୀ ପଣ୍ଡା, ଲିଙ୍ଗରାଜ ବେହେରା, ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଶିକ୍ଷକମାନେ ପରୀକ୍ଷକ ଭାବେ ସହଯୋଗ କରିଥିଲେ ।

# ଦେଶ ସେବାରେ ସମର୍ପିତ ହେବାକୁ ଆହ୍ୱାନ



କାମାକ୍ଷାନଗର, ୨୪।୧୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ (ଏନ୍‌ସିସି) ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରଙ୍ଗଧର ଉଚ୍ଚବିଦ୍ୟାଳୟ, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜୁନିଅର ଡିଭିଜନ ଏନସିସିର ମିଳିତ ଆନୁକୂଲ୍ୟରେ ୭୬ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ

**ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଦିବସ**

ସଭାପତିତ୍ୱ କରିଥିଲେ। କାମାକ୍ଷାନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିକ୍ଷାବିତ ମେଜର ପ୍ରଭାତ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ଭାରତର ଶ୍ରେଷ୍ଠ ନାଗରିକ ତିଆରି କରିବାର ଅନୁଷ୍ଠାନ ଏନସିସି ବୋଲି କହିଥିଲେ। ଜାତି, ବର୍ଣ୍ଣ, ଭାଷା, ଅଞ୍ଚଳ, ବୃତ୍ତି, ବେଶଭୂଷା ଇତ୍ୟାଦି ବିଭିନ୍ନତା ମଧ୍ୟରେ ଏକତାର ଏହି ସଂସ୍ଥା ପରିଚୟ ପ୍ରଦାନ କରିପାରିଛି ବୋଲି ସଭାପତି ବିଶାଳ କହିଥିଲେ। ଏକତା ଓ ଶୃଙ୍ଖଳାକୁ ସାଥିରେ ବହନ କରି ଦେଶ ସେବାରେ ନିଜକୁ ସାମିଲ କରିବାକୁ କ୍ୟାଡେଟମାନଙ୍କୁ ଆହ୍ୱାନ ଦେଇଥିଲେ। ଏନ୍‌ସିସି ଅଫିସର ଦୁର୍ଯ୍ୟୋଧନ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନସିସି ଅଫିସର ଅଭିଷେକ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କାଉଟ୍ସ ମାଷ୍ଟର ବାନାର୍ଜୀ ମହାନ୍ତି, ଶିକ୍ଷକ ରାଜେଶ ସାହୁ, ଶିକ୍ଷା କର୍ମଚାରୀ ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ୟାଡେଟମାନେ ସଫେଇ କାର୍ଯ୍ୟ କରିଥିଲେ।

# ଜୟଦୁର୍ଗା ଫୁଟ୍‌ବଲ: ଫାଇନାଲରେ ମା' ଶାରଳା କ୍ଲବ ବିଜୟୀ



ଓଡ଼ପଡ଼ା, ୨୪।୧୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତ ସାଇଁବିରି ଗ୍ରାମ ଫୁଟବଲ ପଡ଼ିଆରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଢ଼େଙ୍କାନାଳ ଜିଲା ଭାଜପା ସଭାପତି ନରେଶ ମହାପାତ୍ର, ସମାଜସେବୀ ସତ୍ୟବ୍ରତ ସ୍ୱାଇଁ ଯୋଗଦେଇଥିଲେ। ଫାଇନାଲ୍ ମ୍ୟାଚ ପଙ୍କାଲ କ୍ଲବ କଟକ ଓ ଶାରଳା କ୍ଲବ ଗୁଣ୍ଡିଚାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାରଳା କ୍ଲବ ଗୁଣ୍ଡିଚାପଡ଼ା ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଭୟ ଟିମ୍‌କୁ ଟ୍ରଫି ସହ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ରେଫରି ଭାବେ ଦେବରାଜ ସ୍ୱାଇଁ, ଅମୂଲ୍ୟ ସ୍ୱାଇଁ, ଅନିଲ ନନ୍ଦ ପରିଚାଳନା କରିଥଲେ । ଜୟଦୁର୍ଗା ଆସୋସିଏଶନ ପକ୍ଷରୁ ଗଙ୍ଗାଧର ରାଉତ, ରାଜକିଶୋର ରାଉଳ, ପୂର୍ବତନ ଅନ୍ତର୍ଜାତୀୟ ଭଲି ଖେଳାଳି ଦୈତାରୀ ରାଉତ, ପୂର୍ବତନ ଅନ୍ତର୍ଜାତୀୟ ରେଫରୀ ପୁରୁଷୋତ୍ତମ ରାଉତ, ଉମେଶ ଚନ୍ଦ୍ର ରାଉତ, ଶ୍ରୀବତ୍ସ ସିଂ ମ୍ୟାଚ ପରିଚାଳନା କରିଥିଲେ।

# ସ୍ୱାମୀ ବିବେକାନନ୍ଦ ଥିଲେ ଯୁବପିଢ଼ିର ଆଦର୍ଶ

ତାଳଚେର,୨୪।୧୧(ମନୋଜ ନନ୍ଦ)

ତାଳଚେର ବ୍ଲକ ସନ୍ଥପଡ଼ାସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଯୁବ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୋକ ସଂସଦ ଅନୁଗୋଳ ଶାଖା ଉଦ୍‌ବୋଧନୀ ବିଭାଗର ଜିଲା ପ୍ରମୁଖ ଡ.ବାମାକାନ୍ତ ଗଡ଼ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ପାଇକରାୟ, ଲୋକ ସଂସଦ ସମ୍ପାଦକ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଭାପତି ଡ.ରଥ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ବିବେକାନନ୍ଦ ଥିଲେ ସମଗ୍ର ଯୁବ ପିଢ଼ିର ଆଦର୍ଶ ବୋଲି କହିଥିଲେ। ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଜୀବନ ସଦସ୍ୟ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ମମତା ମହାପାତ୍ର, ସାଗରିକା ପ୍ରଧାନ, ପ୍ରୟମ୍ବଦା ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଖାଦ୍ୟ ସଂଯମତା ରହିଲେ ମଣିଷର ଚେତନାରେ ଶୁଦ୍ଧତା ଆସେ



ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକ ପ୍ରବଚନ ଦେଉଛନ୍ତି।

**ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ**

ଢେଙ୍କାନାଳ,୨୪।୧୧(ରତନ ନାୟାର)

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ରବିବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ ହଲଠାରେ ହରେକୃଷ୍ଣ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭଜନ, କିର୍ତ୍ତନ, ପ୍ରବଚନ ଓ ନାଟକ ଅନୁଷ୍ଠିତ ହୋଇଥିଲା । ପ୍ରବଚକ ପରମହଂସ ଦାସ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକ କହିଲେ ଯେ, ଭଗବାନ ଭାବରେ ବନ୍ଧା । ସମର୍ପିତ ହୃଦୟକୁ ହିଁ ଭଗବାନ ଗ୍ରହଣ କରିଥାନ୍ତି କର୍ମ ହିଁ ଭଗବାନ । ଖାଦ୍ୟ ସଂଯମତା ଯେତେବେଳେ ମଣିଷର ଆସେ, ସେତେବେଳେ ମଣିଷର ଚେତନାରେ ଶୁଦ୍ଧତା ଆସେ । ସତସଙ୍ଗ ହିଁ ଈଶ୍ୱରଙ୍କ ଆଶ୍ରୟସ୍ଥଳ ବୋଲି ସେ କହିଥିଲେ । ଏହି ଅବସରରେ ତରୁଣକ୍ରିଷ୍ଣ ଦାସଙ୍କ ପରିଚାଳନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଢେଙ୍କାନାଳ ଇସ୍କନ ଶାଖାର ମୁଖ୍ୟ ପ୍ରେମ କିଶୋର ଦାସ ଉପସ୍ଥିତ ଥିଲେ ।

# ରାମ ମନ୍ଦିରର ବାର୍ଷିକ ଉତ୍ସବ



ଓଡ଼ାପଡ଼ା, ୨୪।୧୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ଼ ବଜାରରେ ଥିବା ରାମମନ୍ଦିରରେ ଗତ ୨୩ ତାରିଖଠାରୁ ୧୪ତମ ସାକେତପ୍ରାପ୍ତ ମହୋତ୍ସବ ଉପଲକ୍ଷେ ୯ମ ସାମ୍ବତ୍ସରିକ ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ଶ୍ରୀରାମତାରକ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶୁକ୍ରବାର ତୀର୍ଥବାହାନ, କଳସଯାତ୍ରା ଓ ଘଟସ୍ଥାପନ, ୨୪ ତାରିଖରେ ଯଜ୍ଞାନୁଷ୍ଠାନ ହୋଇଥିଲା। ୨୯ ତାରିଖ ଶୁକ୍ରବାର ପ୍ରଭୁ ଶ୍ରୀରାମଙ୍କର ପୁନରୁଦ୍ଧାର ହୋଇଥିବା ମନ୍ଦିରରେ ପ୍ରବେଶ ଓ ଶ୍ରୀଶ୍ରୀ ନର୍ମଦେଶର ମହାଦେବଙ୍କର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ରହିଛି। ଏହା ଡିସେମ୍ବର ୧ ତାରିଖ ରବିବାର ପର୍ଯ୍ୟନ୍ତ ଚାଲୁରହିବ।

# ୨୬ରେ ଆପ୍ ପକ୍ଷରୁ ଆନ୍ଦୋଳନ ନିଷ୍ପତ୍ତି



ଢେଙ୍କାନାଳ,୨୪।୧୧(ରତନ ନାୟାର)

ଓଡ଼ିଶା ବିଜୁଳି ଉତ୍ପାଦନରେ ଗୋଟିଏ ବଳକା ରାଜ୍ୟ ହୋଇଥିବା ବେଳେ ବଳକା ବିଜୁଳି ଅନ୍ୟ ରାଜ୍ୟରେ ବିକ୍ରି କରାଯାଉଥିବା ବେଳେ ଓଡିଶାର ଲୋକମାନଙ୍କୁ ଆଜି ପର୍ଯ୍ୟନ୍ତ ଉଚିତ ସେବା ମିଳିପାରିଲା ନାହିଁ । ଓଡିଶାବାସୀ ଧୁଳି, ଧୁଆଁ ଖାଇବା ସହିତ ବାୟୁ ପ୍ରଦୂଷଣର ଶିକାର ହୋଇ ରୋଗାକ୍ରାନ୍ତ ହେଉଛନ୍ତି । ଦିଲ୍ଲୀ ସରକାର ଓଡିଶାରୁ ବିଜୁଳି କିଣି ଦିଲ୍ଲୀବାସୀଙ୍କୁ ଯଦି ମାଗଣା ବିଜୁଳି ଯୋଗାଇ ପାରୁଛନ୍ତି, ଓଡିଶାରେ କାହିଁକି ତାହା ସମ୍ଭବ ହେବନାହିଁ ବୋଲି ଆମ୍ ଆଦମୀ ପାର୍ଟି ନେତୃବୃନ୍ଦ ପ୍ରଶ୍ନ ଉଠାଇଛନ୍ତି । ଟାଟା ପାୱାରର ସ୍ମାର୍ଟ ମିଟର ବିରୋଧରେ ଆସନ୍ତା ୨୬ତାରିଖରେ ଆପ୍ ପକ୍ଷରୁ ବାଜିଚୌକଠାରୁ ଏକ ପଦଯାତ୍ରା ବାହାରିବା ସହିତ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଦଳର ଢେଙ୍କାନାଳ ଶାଖା ପକ୍ଷରୁ ସ୍ମାର୍ଟ ମିଟରକୁ ବିରୋଧ କରି ଜିଲାପାଳଙ୍କୁ ଘେରାଉ କରିବା ସହି ୫ଦଫା ଦାବି ସମ୍ବଳିତ ଏକ ପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି।

**ସ୍ମାର୍ଟ ମିଟରକୁ ବିରୋଧ**

ପ୍ରାଥମିକ ପର୍ଯ୍ୟାୟରେ କମର୍ସିଆଲ ଉପଭୋକ୍ତାମାନଙ୍କ ମିଟର ପରିବର୍ତ୍ତନ କରାଯାଇ ସେମାନଙ୍କର ସ୍ମାର୍ଟ ମିଟର ଲଗାଇ ପ୍ରତ୍ୟେକ ଉପଭୋକ୍ତାଙ୍କଠାରୁ ୭ହଜାର କମ୍ପାନୀ ନେବାକୁ ବସିଛି । ପୂର୍ବରୁ ପୁରୁଣା ମିଟର ବାବଦକୁ କମ୍ପାନୀ ଉପଭୋକ୍ତାମାନଙ୍କଠାରୁ ସିକ୍ୟୁରିଟି ଟଙ୍କା ନେଇସାରିଥିବା ବେଳେ ପୁଣି ନୂଆ ସ୍ମାର୍ଟ ମିଟର ପାଇଁ ଆଉଥରେ ୭ହଜାର ଟଙ୍କା ଆଦାୟ କରିବା ଉପଭୋକ୍ତାଙ୍କୁ ଶୋଷଣ ନୁହେଁ କି ବୋଲି ଦଳୀୟ ନେତୃବୃନ୍ଦ ପ୍ରଶ୍ନ ଉଠାଇଛନ୍ତି । ତେଣୁ ଏହାର ପ୍ରତିବାଦରେ ଦଳ ପକ୍ଷରୁ ଆସନ୍ତା ୨୬ ତାରିଖ ପଦଯାତ୍ରା ଓ ଆନ୍ଦୋଳନ ହେବ ବୋଲି ଦଳର ଜିଲା ସଭାପତି ପଙ୍କଜ ନାୟକ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ମହିଳା ନେତ୍ରୀ ରଚିତା ନାୟକ ଓ ଯୁବ ସଭାପତି ଶକ୍ତି ରଞ୍ଜନ ମହାପାତ୍ର ଆହ୍ୱାନ ଦେଇଛନ୍ତି ।

# ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ମଗୁଶିରର ଭେଟଘାଟ୍

**ଗ୍ରାମାଞ୍ଚଳ ସାହିତ୍ୟିକମାନଙ୍କ ସହିତ ଭାବ ବିନିମୟ**

ଢେଙ୍କାନାଳ,୨୪।୧୧(ରତନ ନାୟାର)

ଢେଙ୍କାନାଳର ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦ, ଗଁଦିଆ ଥିଙ୍କର୍ସ ଫୋରମ ଓ ଗଁଦିଆ ବ୍ଲକ ଲେଖକ ପରିଷଦର ମିଳିତ ଆନୁକୂଲ୍ୟରେ ସାହିତ୍ୟ ଓ ସମ୍ପ୍ରତିର ବିଶେଷ ସାହିତ୍ୟ ମଗୁଶିର ଭେଟଘାଟ୍ ଗଁଦିଆ ଥିଙ୍କର୍ସ ଫୋରମ ସଭା ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସାହିତ୍ୟ ଆସରରେ ଅଧ୍ୟକ୍ଷତା କରି ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାପତି ଡ. ଭବାନୀ ଶଙ୍କର ମିଶ୍ର, ଗ୍ରାମାଞ୍ଚଳର ସାହିତ୍ୟିକମାନଙ୍କ ସହିତ ଭାବ ବିନିମୟ କରିବା ଏବଂ ସାହିତ୍ୟିକମାନଙ୍କୁ ଉତ୍ସାହିତ କରି ସେମାନଙ୍କୁ ଲୋକ ଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ବିଶେଷ ଅତିଥି ଭାବେ ଢେଙ୍କାନାଳ ଜିଲା ଲେଖକ ସଂସଦ



ସଭାପତି ବସନ୍ତ କୁମାର ପଟ୍ଟନାୟକ, ବିଶିଷ୍ଟ କବି ପ୍ରଭାସିନୀ ମହାକୁଡ, ଗ୍ରାମାଞ୍ଚଳରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ଏହାର ଭୂୟସୀ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଗଁଦିଆ ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାତାରା ସହିତ୍ୟ ସଂସଦ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏହାକୁ ଗଁଦିଆ ବ୍ଲକ ଲେଖକ ପରିଷଦ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ପରେ ଗଁଦିଆ ଥିଙ୍କର୍ସ ଫୋରମ ଏବଂ ଗଁଦିଆ ବ୍ଲକ ଲେଖକ ପରିଷଦ ଅନୁଷ୍ଠାନକୁ ସନ୍ଧ୍ୟାତାରା ସ୍ମାରକୀ ଅତିଥିମାନେ ପ୍ରଦାନ କରିଥିଲେ । ସନ୍ଧ୍ୟାତାରା ସାହିତ୍ୟ ସଂସଦର ପାଥେୟ ପରିଷଦ ସଦସ୍ୟ ଶରତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଭ୍ରମରବର ହୋତା, ନିରଦାନନ୍ଦ ନନ୍ଦ, ଜ୍ୟୋତିରଞ୍ଜନ ମହାପାତ୍ର, ମନୋରଞ୍ଜନ ସାହୁ, ସସ୍ମିତା ମିଶ୍ର, ନିବେଦିତା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା**

**ଯୋଡ଼ା,(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୯ ନଂ. ୱାର୍ଡସ୍ଥିତ ଗୋପ ମହାନ୍ତି ହଟିଂରେ ଜଣେ ଯୁବକ ପାରିବାରିକ କଳହରୁ ଆତ୍ମହତ୍ୟା କରିଛନ୍ତି। ମୃତକ ହଟିଂର ଯୋଗେଶ୍ୱର ମହଲା(୨୮)। ତାଙ୍କ ସ୍ତ୍ରୀଙ୍କ ସହ ଅନେକ ସମୟରେ ତାଙ୍କର କଳହ ହେଉଥିଲା। ରବିବାର ପାଟିତୁଣ୍ଡ ପରେ ଯୋଗେଶ୍ୱର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

## ସଂକ୍ଷେପରେ

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**କେନ୍ଦୁଝର,୨୪।୧୧(ଦୀପକ ମିଶ୍ର)**

କେନ୍ଦୁଝର ଜିଲାର ସର୍ବବୃହତ ପରିବାର ଭାବରେ ଜଣାଶୁଣା ସଦର ବ୍ଲକ୍ ଅନ୍ତର୍ଗତ ଜଳବଙ୍ଗ ଗ୍ରାମର ମିଶ୍ର ପରିବାରର ମୁଖ୍ୟ



ଦାଶରଥି ମିଶ୍ର(୯୧)ଙ୍କ ପରଲୋକ ହୋଇଛି। ଦାଶରଥି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ଜଣେ ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଭାବରେ ତାଙ୍କ ସୁନାମ ରହିଛି। ପରିବାରର ସଦସ୍ୟ, ଗ୍ରାମବାସୀ ଓ ବନ୍ଧୁପରିଜନଙ୍କ ଉପସ୍ଥିତରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ସାମାଜିକ କର୍ମୀଙ୍କ ବିୟୋଗ

**ପାଟଣା,୨୪।୧୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଶିବନାରାୟଣପୁର ଶାସନର ସାମାଜିକ କର୍ମୀ ତଥା



ଜଣାଶୁଣା ବ୍ୟବସାୟୀ କୀର୍ତ୍ତନ ବିହାରୀ ଦାଶ(୮୨)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ଖବର ପାଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକ, କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ପାଟଣା ବ୍ଲକ୍ ଅଧକ୍ଷା ସୁକାନ୍ତି ନାଏକ, ପାଟଣା ବଣିକସଂଘ ସଭାପତି ସଭାପତି ବୁଲୁ ଭଞ୍ଜ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଶେଷ ସମୟରେ ସ୍ତ୍ରୀ, ବଡ଼ପୁଅ ଶିଳ୍ପପତି ବିବେକାନନ୍ଦ ଦାଶ ଓ ସାନପୁଅ ଅରବିନ୍ଦ ଦାଶ, ୨ ପୁତ୍ର ବଧୂ, ଝିଅ ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳି ଦାଶ, ଜ୍ୱାଇଁ ରଞ୍ଜନ ପାଣି, ପ୍ରବୀଣ ଦାଶ, ବଡ଼ଭାଇ ସାମାଜିକକର୍ମୀ ଈଶ୍ୱର ଚନ୍ଦ୍ର ଦାଶ, ସାନଭାଇ ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ଇଂ. ବିଦ୍ୟାଧର ଦାଶ, ପୁତୁରା, ପୁତୁରା ବୋହୂଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପାଟଣା ବୈତରଣୀ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ବିବେକାନନ୍ଦ ମୁଖାଗ୍ନି ଦେଇଥିଲେ।

# ଖାତାରେ କଲ୍ୟାଣ ମଣ୍ଡପ, ଅଧିକାରୀ କହୁଛନ୍ତି ନାହିଁ

■ ସରକାରୀ ଅର୍ଥ ହରିଲୁଟ୍

■ ଭାଜପା ପକ୍ଷରୁ ଥାନାରେ ଏତଲା

**ଆନନ୍ଦପୁର,୨୪।୧୧(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ କୋଡ଼ପଡ଼ା ଓ ଶାଳବଣି ପଞ୍ଚାୟତରେ କଲ୍ୟାଣମଣ୍ଡପ ନାମରେ ଘୋଟାଲା ହୋଇଛି। ୨ ପଞ୍ଚାୟତର ସରକାରୀ ଖାତାପତ୍ରରେ କଲ୍ୟାଣ ମଣ୍ଡପ ହୋଇଥିବା ଦର୍ଶାଯାଇଛି। ଏପରି ମନ୍ତ୍ରୀ ବିଧାନସଭାରେ ଦେଇଥିବା କଲ୍ୟାଣମଣ୍ଡପ ତାଲିକାରେ ୨ ପଞ୍ଚାୟତରେ ମଣ୍ଡପ ଥିବା ଦର୍ଶାଯାଇଛି। ମାତ୍ର ଲୋକେ ସାମାଜିକ କାର୍ଯ୍ୟ ପାଇଁ ଆବେଦନ କଲେ ପଞ୍ଚାୟତରେ କୌଣସି କଲ୍ୟାଣମଣ୍ଡପ ନ ଥିବା ଅଧିକାରୀ କହୁଛନ୍ତି। ସରକାରୀ ଅର୍ଥ ହେରଫେର ହୋଇଥିବା ନେଇ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ଆନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ୨୦୨୦-୨୧ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାର ସମୟରେ ୨ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲା। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏଥିପାଇଁ ଅର୍ଥ ମଧ୍ୟ ମଞ୍ଜୁର କରାଯାଇଥିଲା। ଏ ସମ୍ପର୍କରେ ଗତ ବିଧାନସଭା ଅଧିବେଶନରେ ପ୍ରଶ୍ନ ସଂଖ୍ୟା ୬୭୬ରେ ପଞ୍ଚାୟତିରାଜ ମନ୍ତ୍ରୀ ନିଜ ଉତ୍ତରରେ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, କେନ୍ଦୁଝର ଜିଲାରେ ପୂର୍ବ ସରକାର ଅମଳରେ ୬୮ଟି କଲ୍ୟାଣ ମଣ୍ଡପ ପାଇଁ ଆର୍ଥିକ ଆବଣ୍ଟନ ହୋଇଥିଲା। ସେଥି ମଧ୍ୟରୁ ୨୮ ମଣ୍ଡପର ନିର୍ମାଣ ଶେଷ ହୋଇଥିବା ବେଳେ ୪୦ଟିର କାର୍ଯ୍ୟ ଜାରି ରହିଛି। ନିର୍ମାଣ ଶେଷ ହୋଇଥିବା ମଣ୍ଡପ ତାଲିକା ପରିଶିଷ୍ଟ 'ଖ'ରେ ଥିବା ମନ୍ତ୍ରୀ କହିଥିଲେ। ଉକ୍ତ ତାଲିକାରେ କୋଡ଼ପଡ଼ା ଓ ଶାଳବଣି ରହିଛି। ମାତ୍ର ଶନିବାର କୋଡପଡ଼ା ପଞ୍ଚାୟତ ମଣ୍ଡପରେ ଏକ ସାମାଜିକ କାର୍ଯ୍ୟ ପାଇଁ ସନ୍ୟାସୀ ପାତ୍ର ଆବେଦନ କରିଥିଲେ। ପଞ୍ଚାୟତରେ ମଣ୍ଡପ ନ ଥିବା ପଞ୍ଚାୟତ ଅଧିକାରୀ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ଶାଳବଣି ପଞ୍ଚାୟତ ମଣ୍ଡପରେ ସାମାଜିକ ଉତ୍ସବ ଆୟୋଜନ ପାଇଁ ଗତ ୧୭ ତାରିଖରେ କାଳନ୍ଦୀ ସାହୁ ଆବେଦନ କରିଥିଲେ। ସେଠାରେ ମଧ୍ୟ ମଣ୍ଡପ ନ ଥିବା ଜଣାପଡ଼ିଛି। ଯେଉଁଠି ୩ ମାସ ତଳେ ମଣ୍ଡପ ଥିବା କୁହାଯାଇଥିଲା, ଏବେ ସେଠାରେ ମଣ୍ଡପ ନ ଥିବା ସରକାରୀ କର୍ମଚାରୀ ସୂଚନା ଦେଉଛନ୍ତି। ବିଜେଡି ସରକାର ସମୟରେ ଏହି ଘୋଟାଲା ହୋଇଥିବା ଯଜ୍ଞ ପ୍ରସାଦ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଭାଜପା ନେତା କାଳନ୍ଦୀ ସାହୁ, ଦଳିତ ନେତା ସନ୍ୟାସୀ ପାତ୍ର, ଯୁବନେତା ତନ୍ମୟ ସାହୁ, ଜଗବନ୍ଧୁ ସାହୁ ଓ କୃଷ୍ଣଚନ୍ଦ୍ର କାହାଳୀ ପ୍ରମୁଖ ଅଭିଯୋଗ ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ପଞ୍ଚମ ୟୁନିକ କପ୍ କ୍ରିକେଟ

# ଆଲ୍‌ଫା ସ୍ପୋର୍ଟିଂ ଚାମ୍ପିୟନ

**କେନ୍ଦୁଝର,୨୪।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**




ଟ୍ରଫି ସହ ବିଜେତା ଦଳ।

କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆଠାରେ ୟୁନିକ୍ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ୟୁନିକ କପ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ସୁଷମା ବରାଳଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ସବୁଜ ଟର୍ଫ ଉଇକେଟରେ ଅନୁଷ୍ଠିତ ଖେଳରେ ବ୍ରହ୍ମପୁରର ଆଲଫା ସ୍ପୋର୍ଟିଂ ଓ ଭୁବନେଶ୍ୱରର ପ୍ରଗତି କ୍ଲବ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ପ୍ରଗତି କ୍ଲବ୍‌କୁ ହରାଇ ଆଲଫା ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ପ୍ରଗତି ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୫ ଓଭରରେ ଦଳ ୧୭୭ ରନ କରିଥିଲା। ଆଲଫା ସ୍ପୋର୍ଟିଂ ବିଜୟ ଲକ୍ଷ୍ୟ ପିଛା ପରି ୨୮. ୪ ଓଭରରେ ୯ ଉଇକେଟ ହରାଇ ବିଜୟର ସ୍ୱାଦ ଚାଖିଥିଲା। ମୁଖ୍ୟ ଅତିଥିଭାବେ ରୋଟାରିଆନ ଇଂ. ଦେବବ୍ରତ ସ୍ୱାଇଁ ଏବଂ ରାଜ୍ୟର ବରିଷ୍ଠ ଅମ୍ପାୟାର, ଜିଲା କ୍ରୀଡା ସଂସ୍ଥା ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆଲଫା ସ୍ପୋର୍ଟିଂର ସୁଶୀଲ ବାରିକ, ଆବିଷ୍କାର ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଛି।

### କାହାଳିଆଗଡ଼ିଆରେ ଅଭିଯୋଗ ଶୁଣିଲେ ବିଧାୟକ

**ଛେନାପଦି,୨୪।୧୧ (ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରିପଲ୍ଲୀ ପଞ୍ଚାୟତ କାହାଳିଆଗ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗାଁରେ ପହଞ୍ଚି ଅଭିଯୋଗ ଶୁଣିଛନ୍ତି। ଗ୍ରାମର ସିଦ୍ଧେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହର କାନ୍ଥ ଓ ଛାତ ଭୁଶୁଡ଼ିବା ଆଶଙ୍କା ଥିବାରୁ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ନୂତନ ଗୃହ ନିର୍ମାଣ ପାଇଁ ବିଧାୟକ ବିଭାଗୀୟ ଯନ୍ତ୍ରୀଙ୍କୁ ଏ ନେଇ ଏକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ଗାଁ ଠାକୁରାଣୀଙ୍କ ନିକଟରେ ଏକ ନୂତନ କୋଠଗୃହ ନିର୍ମାଣ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

### କ୍ଷତିପୂରଣ, ହମ୍ପସ ଦାବିରେ ରାସ୍ତାରୋକୋ

**ପାଟଣା,୨୪।୧୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଖାରବେଡ଼ା ଚାରି ଛକରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଟ୍ରକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛି। ମୃତକ ବାଙ୍ଗିଆ ଥାନା ଭୁଇଁପୁର ଗ୍ରାମର ଉର୍ମିଳା ଘଣା (୫୫)। ଗୁରୁତର ତାଙ୍କ ସ୍ୱାମୀ ବସନ୍ତ ଘଣା। ସୂଚନା ଅନୁଯାୟୀ, ଦମ୍ପତି ମୟୂରଭଞ୍ଜ ଜିଲା ମେଣ୍ଢାମୁଣ୍ଡିରୁ ବାଇକ ଯୋଗେ ଘରକୁ ଫେରୁଥିଲେ। ଖାରବେଡ଼ା ଚାରି ଛକରେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉର୍ମିଳାଙ୍କୁ ମୃତ ଘୋଷଣା କରିଥିଲେ। ବସନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କାରାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପସ ନିର୍ମାଣ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାଜପଥରେ ଟାୟାର ଜାଳି ଅପରୋଧ କରିଥିଲେ। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟକ ଗାଡ଼ି ଅଟକି ରହିଛି।

# ଚନ୍ଦକା ଗଲା ଛୁଆହାତୀ

**କେନ୍ଦୁଝର,୨୪।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ମେଗା ନର୍ସରିରେ ରହିଥିବା ୩ ମାସର ଛୁଆହାତୀକୁ ଶନିବାର ଚନ୍ଦକା ହସ୍ତୀ ଅଭୟାରଣ୍ୟକୁ ପଠାଯାଇଛି। ବନ ବିଭାଗର ସ୍ୱତନ୍ତ୍ର ଟିମ୍ 'ରକ୍ଷକ' ଯାନରେ ନେଇଥିବା ସୂଚନା ମିଳିଛି। ନଭେମ୍ବର ୧ରେ କେନ୍ଦୁଝର ସଦର ରେଞ୍ଜ ଜଗଦଳା ଡ୍ୟାମ୍ ନିକଟ ଏକ ଗାଁରୁ ଛୁଆହାତୀ ଉଦ୍ଧାର ହୋଇଥିଲା। ବହୁ ପ୍ରଚେଷ୍ଟା ପରେ ବି ଛୁଆହାତୀଙ୍କୁ ତା'ର ମା' କିମ୍ବା ହାତୀପଲ ଗ୍ରହଣ କରି ନ ଥିଲେ। ସେବେଠାରୁ ବନ ବିଭାଗର ୧୦ ଜଣିଆ ଟିମ୍ ଛୁଆହାତୀର ସେବାଯତ୍ନ କରୁଥିଲେ। ଶନିବାର ଛୁଆହାତୀକୁ ସ୍ଥାନାନ୍ତର କରିବା ସମୟରେ ସମସ୍ତେ ଭାବବିହ୍ୱଳ ହୋଇ ଉଠିଥିଲେ। ପଦ୍ମପୁର ମେଗାନର୍ସରି ଫରେଷ୍ଟର ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ସମେତ କର୍ମଚାରୀମାନେ ଚନ୍ଦକାରେ ଛାଡ଼ି ଆସିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସାନ୍ତରାପୁରରେ ଧର୍ମ ଚର୍ଚ୍ଚା

**ଢେଙ୍କିକୋଟ,୨୪।୧୧(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସଲିମ ବସ୍ତିରେ ରବିବାର ଜଲ୍‌ସା ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ତଥା ଜିଲା ବାହାରୁ ମୁସଲିମ ପ୍ରଚକ ଯୋଗଦେଇଥିଲେ। ଦିଲୀର ପ୍ରବଚକ ହବିବୁଲା ମଦାନୀ ମୁଖ୍ୟ ପ୍ରଚକ ଭାବେ ଯୋଗଦେଇ ମୁସଲିମ ସମ୍ପ୍ରଦାୟର କୋରାନ ଗ୍ରନ୍ଥ ବିଷୟରେ ବୁଝାଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ ମୁସଲିମ ସମ୍ପ୍ରଦାୟର ଲୋକ ଯୋଗଦେଇଥିଲେ। ସାନ୍ତରାପୁର ମୁସଲିମ ବସ୍ତି ବାସିନ୍ଦା ସହଯୋଗ କରିଥିଲେ।

### ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଚମ୍ପୁଆ,୨୪।୧୧(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନଂ. ୱାର୍ଡ ଗୋଧୂଳିଠାରେ ୨ ଦିନିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୬ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ତିତିର ବିଲ୍(ଯୋଡା) ଓ ସାତହଲିଆ(ଚମ୍ପୁଆ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂଶିତ ରହିଥିବାରୁ ଟସ୍ ଦ୍ୱାରା ତିତିର ବିଲ୍ (ଯୋଡା) ବିଜୟ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁରେନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ କାଉନ୍‌ସିଲର ଛତ୍ରପତି ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ମକୁନ୍ଦ ଚରଣ ନାଏକ, ସତ୍ୟଜିତ ମହାକୁଡ ଯୋଗଦେଇ ଚାମ୍ପିୟନ, ରନସ୍‌ଅପ, ତୃତୀୟ ଓ ଚତୁର୍ଥ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗୋଧୂଳି ଫୁଟବଲ କ୍ଲବ୍ ସଭାପତି ମୋହନ ନାଏକ, ନରେନ୍ଦ୍ର ନାଏକ, ଶକ୍ତିମାନ ନାଏକ, ଜଗଦିଶ ନାଏକ, ସମଦର୍ଶୀ ନାଏକ, ସାମଲ ନାଏକ, ସତ୍ୟବାନ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ମୟୂରଭଞ୍ଜ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ରାଇରଙ୍ଗପୁର,୨୪।୧୧(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଦ୍ୱାରଶୁଣି ଘାଟି ନିକଟସ୍ଥ ୪୮ନଂ. ଜାତୀୟ ରାଜପଥରେ ଶନିବାର ୨ ବାଇକ୍ ମୁହାଁମୁହିଁ ହେବାରୁ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ନିଶ୍ଚିନ୍ତ ଗ୍ରାମର ସାଇବା ମାରାଣ୍ଡି। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ସାଇବାଙ୍କୁ ବିଶୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ବାଇକ୍ ଆରୋହୀ ତିରିଙ୍ଗ ଥାନା ଅଧୀନ ବଡ଼ଡାଳିମାର ବିଜୟାନନ୍ଦ ମିଶ୍ର ଗୁରୁତର ହୋଇ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦୬/୨୪) ରୁଜୁ ହୋଇଛି।

### ମଦ ଜବତ, ୨ ଗିରଫ

**ବୈଶିଙ୍ଗା,୨୪।୧୧(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ ଶିଖରଖୁଣ୍ଟା ନିକଟରୁ ପୋଲିସ ୨ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ସ୍କୁଟି ସମେତ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବେତନଟୀ ଥାନା ଅଧୀନ ଭାଲିଆଡିହା ଗ୍ରାମର ଦିନବନ୍ଧୁ ମହାନ୍ତ ଓ ସୁନିଲ ମହାନ୍ତ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ.୪୧୯/୨୪) ରୁଜୁ ହୋଇଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଜୁଆ ଖେଳ ଅଭିଯୋଗରେ ୨ ଗିରଫ

**ରାଇରଙ୍ଗପୁର,୨୪।୧୧(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବଡ଼ଢୁଢୁ ଗ୍ରାମ ରାସ୍ତା ପାର୍ଶ୍ୱ ବିଲରେ ରବିବାର ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ବାଇକ୍, ୨ଟିଲୁନା, ନଗଦ ୧୫୦୦ ଟଙ୍କା ସହ ବିଭିନ୍ନ ଜୁଆ ଖେଳ ସାମଗ୍ରୀ ଜବତ ହୋଇଛି। ଅନ୍ୟ ୩ ଜଣ ଫେରାର ହୋଇଯାଇଥିବା ପୋଲିସ କହିଛି। ଗିରଫ ୨ ଅଭିଯୁକ୍ତ ହେଲେ ବଡ଼ଢୁଢୁ ଗ୍ରାମର ଏମ୍‌ଡି ସୁଫିୟାନ(୨୭) ଏବଂ ଏମ୍‌ଡି ଯାବର(୨୫)। ଏନେଇ ଥାନାରେ ଏକ ମାମଲା(ନଂ.୧୪୭/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ବିରେନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ତାଗିଦ କଲେ ମନ୍ତ୍ରୀ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୨୪।୧୧**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତା ମରାମତି କାମ ସପ୍ତାହେ ହେଲା ଆରମ୍ଭ ହୋଇଥିବା ବେଳେ ତାହା ମନ୍ଥର ଗତିରେ ଚାଲିଛି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା କାମ ତଦାରଖ ପାଇଁ ଯାଇଥିବା ବେଳେ ଠିକାସଂସ୍ଥା ଧିମା ଗତିରେ କାମ କରୁଥିବା ଦେଖି ମନ୍ତ୍ରୀ ଖପ୍ପା ହୋଇଯାଇଥିଲେ। ଫୋନ ଯୋଗେ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ତାଗିଦ କରିବା ସହ ଯଥାଶୀଘ୍ର କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠିକ୍ ଭାବେ କାର୍ଯ୍ୟ କର ନଚେତ ଜେଲ କିମ୍ବା ସସ୍‌ପେଣ୍ଡ ହେବାକୁ ପ୍ରସ୍ତୁତ ରୁହ ବୋଲି ମନ୍ତ୍ରୀ ମହାପାତ୍ର ଏନ୍‌ଏଚ୍‌ଏଆଇ ପିଡିଙ୍କୁ କହିଥିଲେ।

### ମନ୍ଥର ଗତିରେ ଚାଲିଛି ଦ୍ୱାରଶୁଣି ଘାଟି ରାସ୍ତା କାମ

ସୂଚନା ଅନୁଯାୟୀ, ଦ୍ୱାରଶୁଣି ଘାଟି ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ଯୋଗୁ ପ୍ରତିଦିନ ରାସ୍ତା ଜାମ୍ ହେଉଛି। ତେବେ ବହୁ ଦାବି ପରେ ରାସ୍ତା ମରାମତି କାମ ଆରମ୍ଭ ହୋଇଥିବା ବେଳେ ଧିମାଗତିରେ କାର୍ଯ୍ୟ ଚାଲିଥିବା ଯୋଗୁ ପଥଚାରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗତ ୫ ଦିନ ଧରି ଘାଟି ରାସ୍ତା ଜାମ୍ ରହିବା ଯୋଗୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗାଡ଼ି ଚାଳକମାନେ ଭୋକ ଉପାସରେ ରାସ୍ତାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଅନେକ ସମୟରେ ଆମ୍ବୁଲାନ୍ସରେ ଆସୁଥିବା ରୋଗୀମାନେ ମଧ୍ୟ ରାସ୍ତା ଜାମ୍ ଭିତରେ ଫସି ରହୁଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଡା. ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁଗୁଦା ମୁର୍ମୁ ପ୍ରମୁଖ ରବିବାର ଘାଟି ରାସ୍ତା ମରାମତି କାର୍ଯ୍ୟର ତଦାରଖ କରିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ରାସ୍ତାରେ ଭାରିଯାନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏହି ରାସ୍ତା କାର୍ଯ୍ୟ ନେଇ ବାଙ୍ଗିରିପୋଷି ବ୍ଲକ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଡା.ମହାପାତ୍ରଙ୍କ ସମେତ ବାଙ୍ଗିରିପୋଷିବିଧାୟିକା, ଜିଲାପାଳ, ଏସ୍‌ପି, ବିଡିଓ ଶିବଶଙ୍କର ମୁର୍ମୁ, ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ, ବାଙ୍ଗିରିପୋଷି ଥାନା ଅଧିକାରିଣୀ ରୋଜାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଦ୍ୱାରଶୁଣି ଘାଟି ରାସ୍ତା ତଦାରଖ ବେଳେ ଉପସ୍ଥିତ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

# ହାଜତରୁ ମୁକୁଳି ବିବାହ କଲେ ଅଭିଯୁକ୍ତ

**ବାରିପଦା,୨୪।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବିଚାରବିଭାଗୀୟ ହାଜତରେ ବନ୍ଦୀ ଥିବା ଜଣେ ଅଭିଯୁକ୍ତ ପୀଡିତାଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହି ଘଟଣାକୁ ନେଇ ବାରିପଦା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଶୁକଦେବ ଗିର।

ସୂଚନାଯୋଗ୍ୟ, ଜଣେ ଯୁବତୀଙ୍କ ସହ ଶୁକଦେବଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯୁବତୀକୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଶୁକଦେବ ବାରମ୍ବାର ଶାରିରୀକ ସମ୍ପର୍କ ରଖିଆସିବା ସହ ତାଙ୍କ ଆପତ୍ତିଜନକ ଭିଡିଓ ଏବଂ ଫଟୋ ଉତ୍ତୋଳନ କରିଥିଲେ। ତେବେ ଯୁବତୀ ଜଣକ ବିବାହ କରିବାକୁ ଜିଦ୍ ଧରିବାରୁ ଶୁକଦେବ ଉତ୍ତୋଳନ କରିଥିବା ଭିଡିଓ ଏବଂ ଫଟୋକୁ ଭାଇରାଲ୍ କରିବାର ଧମକଚମକ ଦେଇଥିଲେ। ଏନେଇ ଯୁବତୀ ଜଣକ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଗତ ଜୁଲାଇ ୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ବିଚାରବିଭାଗୀୟ ହାଜତରେ ଦିନ କାଟୁଥିଲା ବେଳେ ଶୁକଦେବ ତାଙ୍କ ଭୁଲ୍‌କୁ ସ୍ୱୀକାର କରିଥିଲେ। ଏକ ସଂସ୍ଥାର ସହଯୋଗରେ ଯୁବତୀଙ୍କୁ ବିବାହ କରିବା ପାଇଁ ଆପୋଷ ବୁଝାମଣା ହୋଇଥିଲା । କୋର୍ଟର ମାମଲା ସମାଧାନ ହେବାର ୪ ମାସ ପରେ ଜେଲରୁ ବାହାରି ଶୁକଦେବ ପୀଡ଼ତାଙ୍କୁ ବିବାହ କରିଛନ୍ତି। ସୁନାମୁହିଁସ୍ଥିତ ମା' ଭୈରବୀ ମନ୍ଦିରରେ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ପୂଜକ ପଣ୍ଡିତ ବାସୁଦେବ ମିଶ୍ର, ଆଇନଜୀବୀ ପ୍ରଦୀପ କୁମାର ଦାସ, ଗୁରା ମହାକୁଡ, ଶୁଭାଶିଷ ସାହୁ, ଦେବାଶିଷ ସାହୁ, ଦେବାଶିଷ ଗିରି, ସଞ୍ଜିତ ମିଶ୍ର ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ନବଦମ୍ପତିକୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ୧୭୦ କୋଟି ଟଙ୍କାର ଭୂତଳ ପାଇପ୍ ଲାଇନ୍ ପ୍ରକଳ୍ପ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

**ମୋରଡ଼ା,୨୪।୧୧(ସ୍ମାରକ ମାଜୀ)**

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

ସୁବର୍ଣ୍ଣରେଖା ଜଳସେଚନ ବିଭାଗ ଆନୁକୂଲ୍ୟରେ ରାସଗୋବିନ୍ଦପୁର ବ୍ଲକ ଡେଙ୍ଗାନାଳିଆଠାରେ ୧୭୦ କୋଟି ଟଙ୍କା ବ୍ୟୟରେ ଭୂତଳ ପାଇପ୍ ଲାଇନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ରମାକାନ୍ତ ମହାପାତ୍ର ଏବଂ ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲା ବସ୍ତା ହୋଇ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ୫୧୮୦ ହେକ୍ଟର ଜମିର ୧୦ ଫୁଟ ତଳେ ଭୂତଳ ପାଇପ୍ ଦ୍ୱାରା ପାଣି ଯିବ ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଥିଲେ।

# ଜମି କିଣାବିକାରେ ଚଞ୍ଚକତା

### ମୃତକଙ୍କୁ ବିକ୍ରେତା ସଜାଇ ପଟ୍ଟା ହାତେଇଲେ

**ବାରିପଦା,୨୪।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବେତନଟୀ ତହସିଲ ଅଞ୍ଚଳରେ ଜମି କିଣାବିକାକୁ ନେଇ ଚଞ୍ଚକତା ସାମ୍ନାକୁ ଆସିଛି। ୪୦ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ବେତନଟୀ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ଜମି କ୍ରେତାଙ୍କ ନାମରେ ପଟ୍ଟା ହାସଲ କରାଯାଇଛି। ଏନେଇ ବେତନଟୀ ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଚଞ୍ଚକତାରେ ଜଡ଼ିତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେତନଟୀ ଥାନାରେ ଏତାଲ ଦେଇଛନ୍ତି। ମାତ୍ର ଏତଲା ଦେବାର ଏକମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ମାମଲା ରୁଜୁ କରି ନ ଥିବାରୁ ଜମି ଜାଲିଆତି ରାକେଟ ସକ୍ରିୟ ଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ବେତନଟୀ ତହସିଲ ଅଧୀନ ଆମ୍ବଗଡ଼ିଆ ମୌଜାରେ ଥିବା ଏକ ଜମିକୁ ବାରିପଦା ସଦର ଥାନା ଅଧୀନ ସିନ୍ଦୂରଗୌରା ଗ୍ରାମର ମନୁ ମହାନ୍ତ, ଦୁର୍ଗା ମହାନ୍ତ ଓ ଚୈତା ମହାନ୍ତଙ୍କଠାରୁ ବାଲେଶ୍ୱର ଜିଲା ରୂପସା ଅଞ୍ଚଳର ଜଣେ ବ୍ୟକ୍ତି କିଣିଥିଲେ। ଦଲିଲ ବଳରେ ଗତ ଅଗଷ୍ଟ ୩ ତାରିଖରେ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ପଟ୍ଟା ମଧ୍ୟ ପାଇଥିଲେ। ଏହାକୁ ନେଇ ବ୍ରହ୍ମପୁରା ଅଞ୍ଚଳର ପଙ୍କଜ ବିଶ୍ୱାଳ ଗତ ଅଗଷ୍ଟ ୭ରେ ସବରେଜିଷ୍ଟ୍ରାରଙ୍କୁ ଭେଟି ଜମି ବିକ୍ରେତା ଦୁର୍ଗା ମହାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ କରିଥିଲେ। ମାତ୍ର ତହିଁ ପରଦିନ ସେ ତାଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଜମି କିଣିବା ପାଇଁ ଅଗ୍ରୀମ ଟଙ୍କା ଦେଇଥିଲି। ସେମାନେ ଅନ୍ୟମାନଙ୍କୁ ଜମି ବିକ୍ରି କରିଦେବାରୁ ମୁଁ ମିଥ୍ୟା ଅଭିଯୋଗ କରିଥିଲି ବୋଲି ସବରେଜିଷ୍ଟ୍ରାରଙ୍କୁ ଜଣାଇଥିଲେ। ତେବେ ସବରେଜିଷ୍ଟ୍ରାର ଅଭିଯୋଗକୁ ନେଇ ସନ୍ଦେହ କରି ବାରିପଦା ସଦର ଥାନାକୁ ଦୁର୍ଗା ମହାନ୍ତ ଜୀବିତ କି ମୃତ ବୋଲି ତଦନ୍ତ ପାଇଁ ଅନୁରୋଧ କରିଥିଲେ। ତଦନ୍ତ ପରେ ଦୁର୍ଗା ମହାନ୍ତ ୪୦ ବର୍ଷ ପୂର୍ବରୁ ମୃତ୍ୟୁ ବରଣ କରିଥିବା ନେଇ ରିପୋର୍ଟ ମିଳିଥିଲା। ଏନେଇ ଅକ୍ଟୋବର ୫ରେ ସବରେଜିଷ୍ଟ୍ରାର ବେତନଟୀ ଆଇଆଇସିଙ୍କୁ ଚଞ୍ଚକତାରେ ଜଡ଼ିତ ବ୍ୟକ୍ତି ଓ କ୍ରେତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଥିଲେ। ତେବେ ଅଭିଯୋଗକୁ ନେଇ କୌଣସି ମାମଲା ରୁଜୁ ନ ହେବାରୁ ସବରେଜିଷ୍ଟ୍ରାର ଜିଲା ରେଜିଷ୍ଟ୍ରାର ତଥା ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାକୁ ନେଇ ଅତିରିକ୍ତ ଜିଲାପାଳ ୨୨ ଅକ୍ଟୋବରରେ ଜିଲା ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ଘଟଣା ସମ୍ପର୍କରେ ବେତନଟୀ ଆଇଆଇସିଙ୍କୁ ତୁରନ୍ତ ତଦନ୍ତ ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନିର୍ଦ୍ଦେଶକୁ ଅବମାନନା କରି ଏକମାସ ବିତିଯାଇଥିଲେ ମଧ୍ୟ ଥାନାରେ କୌଣସି ମାମଲା ରୁଜୁ ନ ହେବା ଘଟଣାକୁ ସନ୍ଦେହ ଘେରକୁ ଟାଣିଛି। ଏପରିକି କ୍ରେତାଙ୍କ ପଟ୍ଟାକୁ ନାକଚ କରାଯାଇ ନ ଥିବା ବେଳେ ଜମି ଦଲାଲଙ୍କ ପ୍ରଭାବ ସିଧାସଳଖ କାର୍ଯ୍ୟ କରୁଥିବା ନେଇ ଅଞ୍ଚଳରେ ଆଲୋଚନା ଜୋରଧରିଛି। ଅନ୍ୟପକ୍ଷରେ ଉକ୍ତ ଜମି ଜବରଦଖଲକୁ ନେଇ ଆରଡିସିଙ୍କ କୋର୍ଟରେ ମାମଲା ବିଚାରାଧୀନ ରହିଛି। ବିକ୍ରେତାମାନେ ସେଥିରେ ଦୁର୍ଗା ମହାନ୍ତ ମୃତ ବୋଲି ଦର୍ଶାଇଛନ୍ତି। ତେବେ ଜମି ବିକ୍ରି ସମୟରେ ତାଙ୍କୁ ଜୀବିତ ଦର୍ଶାଇବା ତଦନ୍ତ ସାପେକ୍ଷ ହୋଇପଡ଼ିଛି । ଏ ନେଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କୁ ପଚାରିବାରୁ ସବରେଜିଷ୍ଟ୍ରାର ଦେଇଥିବା ଏତଲାରେ ଅଭିଯୁକ୍ତଙ୍କ ନାମ ଓ ଠିକଣା ଉଲ୍ଲେଖ କରି ନ ଥିବାରୁ ପୁନଶ୍ଚ ତାଙ୍କୁ ଅବଗତ କରାଯାଇଛି। ସେ ଠିକଣା ସହିତ ଏତଲା ଦେଲେ ମାମଲା ରୁଜୁ କରିବୁ ବୋଲି କହିଛନ୍ତି।

# ସାତକୋଶିଆ-ଟିକରପଡ଼ା ଅଞ୍ଚଳରେ 'ସ୍ନେହ ପ୍ରକଳ୍ପ' ଆରମ୍ଭ

- ଉପକୃତ ହେବେ ୭୦୦ରୁ ଅଧିକ ପରିବାର
- ଅସହାୟଙ୍କୁ ମିଳିବ ସହାୟତା
- ମଣିଷ-ବନ୍ୟଜନ୍ତୁ ବିବାଦ କମିବ




ଅନୁଗୋଳ,୨୪।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଟିକରପଡ଼ା ଅଞ୍ଚଳର ଧଉରାଗୋଠ ଗାଁରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଅଙ୍ଗ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ 'ସ୍ନେହ ପ୍ରକଳ୍ପ' ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ଉଦ୍‌ଘାଟନ କରିଥିବା ବେଳେ ଅନୁଗୋଳ ସିଡିଏମ୍‌ଓ ଡାକ୍ତର ଶିବାନନ୍ଦ ମହାନ୍ତି, ଏସ୍‌ଡିଭିଓ ଡାକ୍ତର କେଶବ ଚନ୍ଦ୍ର ପ୍ରଧାନ, ବିଜୟ ମିଶ୍ର, ସରପଞ୍ଚ ସୌଦାମିନୀ ପ୍ରଧାନ, ସାତକୋଶିଆ ଜୈବ ବିବିଧତା ସଂରକ୍ଷଣର ଅଧ୍ୟକ୍ଷ ଅନନ୍ତ ବାସୁଦେବ ମହାନ୍ତିଙ୍କ ସମେତ ସ୍ଥାନୀୟ ନେତା ଦିଲେଶ୍ୱର ପ୍ରଧାନ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଦୋଳ ବେହେରା ଏବଂ ନୀଳକଣ୍ଠ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ସ୍ନେହ ପ୍ରକଳ୍ପ ଜରିଆରେ ଜିନ୍ଦଲ ଫାଉଣ୍ଡେଶନ ସାରା ଭାରତରେ ଅଭାବୀ ଏବଂ ବଞ୍ଚିତ ଲୋକଙ୍କୁ ଉଭୟ ଶୁଖିଲା, ରନ୍ଧା ଖାଦ୍ୟ ଯୋଗାଇ ଦେଇଆସୁଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଜିଲାଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ବନ ବିଭାଗର ସହଯୋଗରେ ଜିନ୍ଦଲ ଫାଉଣ୍ଡେଶନ ଏହି ପଦକ୍ଷେପକୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ପାରିପାର୍ଶ୍ୱିକ ଗ୍ରାମକୁ କେନ୍ଦ୍ରିତ କରିଛି, ଯାହା ମୂଳ ଅଭୟାରଣ୍ୟ ବାହାରେ ପୁନଃ ଅବସ୍ଥାପିତ ପରିବାରର ପୁଷ୍ଟିକର ଖାଦ୍ୟ ସମସ୍ୟାର ସମାଧାନ କରିପାରିବ। ଏହି ପଦକ୍ଷେପ ଅସହାୟଙ୍କୁ ସହାୟକ ହେବା ସହ ମାନବ-ବନ୍ୟଜନ୍ତୁ ବିବାଦ ଦୂର କରିବା ପାଇଁ ହୋଇଥିବା ରଣନୀତିରେ ସହଯୋଗ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୭୦୦ରୁ ଅଧିକ ଚିହ୍ନିତ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଲୋକଙ୍କ ଆବଶ୍ୟକତାର ପୁନଃ ମୂଲ୍ୟାଙ୍କନ କରି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମର ପରିସରକୁ ବିସ୍ତାର କରାଯିବ। ଏହି ଉତ୍ତମ ପଦକ୍ଷେପ ପାଇଁ ବନ ବିଭାଗ ଏବଂ ଜିନ୍ଦଲ ଫାଉଣ୍ଡେଶନର ଟିମ୍‌କୁ ଧନ୍ୟବାଦ ଦେବା ସହ ଜିନ୍ଦଲ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଜଙ୍ଗଲର ଭୌଗୋଳିକ ଅବସ୍ଥିତି ହେଉଛି ପୃଥିବୀର ଫୁସଫୁସ ଭଳି ଏବଂ ଜଙ୍ଗଲର ପରିବେଶ ସହିତ ଏକ ସମୃଦ୍ଧ ସମ୍ପର୍କ ଥିବା ଜଙ୍ଗଲ ବାସିନ୍ଦାମାନେ ଏହି ମୂଲ୍ୟବାନ ପ୍ରାକୃତିକ ସମ୍ପଦର ଚରମ ସଂରକ୍ଷଣକାରୀ। ଜିନ୍ଦଲ ଫାଉଣ୍ଡେଶନର ଏହି ପଦକ୍ଷେପ ଉକ୍ତ ଅଞ୍ଚଳର ଜଙ୍ଗଲବାସୀଙ୍କ ପୁଷ୍ଟିକର ଆବଶ୍ୟକତାକୁ ପୂରଣ କରିବ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଡେଙ୍ଗୁ ଏବଂ ମ୍ୟାଲେରିଆ ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଚେତନତା ରଥ ବାହାରିଥିଲା। ସେହିପରି ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲ ଏବଂ ପାୱାରର ସିଏସ୍‌ଆର୍ ଅଧ୍ୟକ୍ଷ ଏବଂ ଗୋଷ୍ଠୀ ମୁଖ୍ୟ ପ୍ରଶାନ୍ତ ହୋତା କହିଥିଲେ, ଆଗାମୀ ଦିନରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଝିଅମାନଙ୍କ ରକ୍ତହୀନତା ସମସ୍ୟା ଦୂର କରିବା ପାଇଁ କିଶୋରୀ ଏକ୍ସପ୍ରେସ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାର ପ୍ରତିକାର ପାଇଁ ସ୍ୱସ୍ତି ଏକ୍ସପ୍ରେସ ଏହି ଗ୍ରାମଗୁଡ଼ିକରେ କାର୍ଯ୍ୟ କରିବ। ଜେଏସ୍‌ପି ଡିଜିଏମ୍ (ସିଏସଆର୍) ଆଶୁତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଜେଏସ୍‌ପି ଅନୁଗୋଳର ସିଏସ୍‌ଆର୍ ମୁଖ୍ୟ ଜୟନ୍ତ ମହାନ୍ତିଙ୍କ ମାର୍ଗଦର୍ଶନରେ ମ୍ୟାନେଜର ଝିଲି ଖାଟୁଆ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଜିନ୍ଦଲ ଫାଉଣ୍ଡେଶନର ସହକାରୀ ସାଧାରଣ ସଚିବ ମୈତ୍ରୀ ମିଶ୍ରଙ୍କ ନେତୃତ୍ୱରେ ସମ୍ପ୍ରଦାୟର ସ୍ୱେଚ୍ଛାସେବୀ ସୁବାସିନୀ, ସୁଶ୍ରୀ ମମତା ଏବଂ ମ୍ୟାନେଜମେଣ୍ଟ ଟ୍ରେନିମାନେ ସମସ୍ତ ଚିହ୍ନିତ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

# ବିଦ୍ୟାଳୟ ପରିସରରେ ମେଗା ସ୍ୱାସ୍ଥ୍ୟ ଶିବିର



ଛେଣ୍ଡିପଦା,୨୪।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ପାଣିଗ୍ରାହୀ ଓ ଶଶୀ ଦେବୀଙ୍କ ସ୍ମୃତିରେ ଏକ ଦିବସୀୟ ମେଗା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସ୍ୱାଧୀନତା ସଂଗ୍ରାମୀଙ୍କ ପୁତ୍ର ହାଡିବନ୍ଧୁ ପାଣିଗ୍ରାହୀ, ଡ. ସତ୍ୟନାରାୟଣ ଦାସ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଖପାଖ ଅଞ୍ଚଳରୁ ୭୦୦ରୁ ଅଧିକ ରୋଗୀ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. ଡି.ବି. ମନହୋର, ଡା. ପି.ସି. ସାହୁ, ଡା. ମେଘନାଦ ମେହେର, ଡା. ଉମେଶ କୁମାର ଜେନା, ଡା. ଜନ୍ମେଜୟ ନାୟକ, ଡା. କୈଳାସ ଚନ୍ଦ୍ର ବିଶ୍ୱାଳ, ଡା. ସୁନୀଲ କର, ଡା. ଗୋଏଲ, ଡା. ସ୍ୱନ୍ଦନ ମିଶ୍ର, ଡା. ଅର୍ଦ୍ଧେନ୍ଦୁ ଶତପଥୀ, ଡା. ହିମାଂଶୁ ନାୟକ, ଡା. ସୁଶୀଲ ସର, ଡା. ରଞ୍ଜନ ମହାନ୍ତି, ଡା. ଶିବବ୍ରତ ମହାପାତ୍ର, ଡା. ସୌମେନ ରାୟ, ଡା. ଗୌରବ ବେହେରା, ଡା. ନିମେଇ ଚରଣ ବେହେରା, ଡା. ରଞ୍ଜନ ମହାନ୍ତି ଯୋଗଦେଇ ରୋଗୀଙ୍କ ଚିକିତ୍ସା ସହିତ ବିନା ମୂଲ୍ୟରେ ଔଷଧ ବିତରଣ କରିଥିଲେ। ଶିମିଳିପାଳ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ପ୍ରଦୀପ କୁମାର ସାହୁ, କରୁଣାକର ବିଶ୍ୱାଳ, ରାଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ



ବଇଣ୍ଡା,୨୪।୧୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ରବିବାର ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ଓ ମିଳିତ ବିଦ୍ୟାଳୟ ପାଚିକା ସଙ୍ଗଠନ ପକ୍ଷରୁ ବଇଣ୍ଡାଠାରେ ସୁଭଦ୍ରା ସିଂଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତୀର୍ଥବାସୀ ଭୋଇ, ଲିଲି ବେହେରା, ମମତା ନାୟକ, ଝୁନି ରାଣୀ ନାୟକ, କଳାକାର ମାଝୀ, ଏକାଦୃଷିଆ ପ୍ରଧାନ, ବିନିତା ଭୋଇ, ମିନି ଅଦାବର, ରଶ୍ମୀତା ବେହେରାଙ୍କ ସମେତ ବହୁ ପାଚିକା ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ପିଲାମାନଙ୍କୁ ସ୍ୱଚ୍ଛ ଭାବେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଦେଉଥିବାବେଳେ ସରକାର ସେମାନଙ୍କୁ ଅଣଦେଖା କରିବା ସହ ଆବଶ୍ୟକ ପରିମାଣର ଦରମା ଯୋଗାଇ ଦେଉନାହାନ୍ତି। ସେମାନଙ୍କୁ ବର୍ଷ ତମାମ ଦରମା ଯୋଗାଇ ଦେବା ସହ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବିକରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଶୃଙ୍ଖଳିତ ନାଗରିକ ହେବାକୁ ପରାମର୍ଶ

ବଅଁରପାଳ,୨୪।୧୧(ସୁବାସ ସାହୁ)

ନାଲ୍‌କୋନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଏନ୍‌ସିସି ଛାତ୍ରୀଛାତ୍ରୀଙ୍କ ଦ୍ୱାରା ୭୬ତମ ଏନ୍‌ସିସି ଦିବସ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ.ଶତ୍ରୁଘ୍ନ ବେହେରା ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। କ୍ୟାଡେଟ୍ ଯାଜ୍ଞସେନୀ ଦାସ ଓ ପ୍ରାଚୀ ସ୍ୱାଇଁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ନାଗରିକ ହେବା ସହ ଦେଶର ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। କ୍ୟାଡେଟ୍ ଅନିଶା ସାହୁ ଏହି ଦିବସର ଗୁରୁତ୍ୱ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। କ୍ୟାଡେଟ୍‌ମାନଙ୍କ ମଧ୍ୟରୁ ମାଷ୍ଟର ସର୍ଜେଣ୍ଟ ଭାବେ ପ୍ରତିଜ୍ଞା ପାତ୍ର, ସର୍ଜେଣ୍ଟ ଭାବେ ଓମ୍ ପ୍ରକାଶ ନାଥ, ଖୁସିରାଣୀ ବେହେରା, କର୍ପୋରାଲ ଭାବେ ରୁଦ୍ର ନାରାୟଣ ମହାପାତ୍ର, ପ୍ରିୟଙ୍କା ଦେହୁରୀ ଓ ଲାନ୍ସ କର୍ପୋରାଲରେ ଅର୍ଜୁନ ନାଥ, ଶର୍ମିଷ୍ଠା ମାଝୀ, ସୌମ୍ୟ ରଞ୍ଜନ ବେହେରା, ସୋନାଲି ବିଶୋଇ ପ୍ରମୁଖ ୯ଜଣଙ୍କୁ ଅଧ୍ୟକ୍ଷ ବେହେରା ର୍‍ୟାଙ୍କ ପ୍ରଦାନ କରିଥିବା ସହ ବେଷ୍ଟ କ୍ୟାଡେଟ୍ ଭାବେ ଓମ୍ ପ୍ରକାଶ ନାଥଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସର୍ଜେଣ୍ଟ ଖୁସୀ ରାଣୀ ବେହେରା କାର୍ଯ୍ୟକ୍ରମରେ କମାଣ୍ଡିଂ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ୫୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏନ୍‌ସିସି ଶିକ୍ଷକ ଜଗନ୍ନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲାବେଳେ କ୍ୟାଡେଟ୍ ଅନନ୍ୟା ପୁଣ୍ୟତୋୟା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ୟାଡେଟ୍ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




# ପ୍ରସନ୍ନ ନାୟକ ନୂତନ ସଭାପତି



ଡେରଙ୍ଗ/ ପବିତ୍ରନଗର, ୨୪।୧୧ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ସଭାଗୃହଠାରେ ପୁରୁଷୋତ୍ତମ ସାହୁଙ୍କ ସଭାପତିତ୍ୱରେ ନୂତନ ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ବଛା ବଛା ସଦସ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଦସ୍ୟମାନଙ୍କ ସହମତି କ୍ରମେ ସଭାପତି ଭାବେ ପ୍ରସନ୍ନ କୁମାର ନାୟକ, ସମ୍ପାଦକ ସୁଜିତ କୁମାର ସାହୁ ଓ ଦୀପକ କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଗଲା। କର୍ମକର୍ତ୍ତା ଚୟନ ପରେ ସଭାପତି ନାୟକ ଡେରଙ୍ଗ ଗ୍ରାମ ମଝି ସାହିର ସମସ୍ତ ଲୋକଙ୍କୁ ଧନ୍ୟବାଦ ଦେଇଥିଲେ। ସୋମବାର ପୂର୍ବ କମିଟି ଠାରୁ ନୂତନ କମିଟି ଦାୟିତ୍ୱ ଗ୍ରହଣ କରିବ ବୋଲି କୁହାଯାଇଥିଲା।

# ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପରାମର୍ଶ

ଛେଣ୍ଡିପଦା, ୨୪।୧୧ (ଅଜିତ ଧଳ)




ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଉପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଭାଗୃହରେ ବିଧାୟକ ଅଗସ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ ସଭ୍ୟାସଭ୍ୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଉପରେ ଧ୍ୟାନ ଦେବା ସହ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ଡାକ୍ତର ଓ କର୍ମଚାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ସାହୁ ବୈଠକ ପରିଚାଳନା କରିଥିବା ବେଳେ ସମସ୍ତ ସଭ୍ୟାସଭ୍ୟ ଓ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମରା, କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ, ସଭ୍ୟା ବିଜୟଲକ୍ଷ୍ମୀ ଗଡ଼ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଯଶୋବନ୍ତ ପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, କୈଳାସ ଚନ୍ଦ୍ର ସାହୁ, ଚୌଧୁରୀ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ଅଜିତ କୁମାର ପ୍ରଧାନ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପବିତ୍ରମୋହନ ପ୍ରଧାନ, ଦିଲୀପ କୁମାର ସାହୁ, ଅଶୋକ କୁମାର ସାହୁ, ଅବିନାସ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ମୁର୍ମୁ, ସନ୍ଦୀପ କୁମାର ସାହୁ, ଅନୀଲ କୁମାର ଧର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱଚ୍ଛତା, ପାଚେରି, ଡଷ୍ଟବିନର ବ୍ୟବହାର, ଆବଶ୍ୟକ ଯନ୍ତ୍ରପାତି ଓ ବର୍ଜ୍ୟବସ୍ତୁ ପପରିଚାଳନା ଉପରେ ଆଲୋଚନା ହୋଇଥିଲା। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସନ୍ତୋଷ କୁମାର ମହାରଣା ସମସ୍ତ ବିବରଣୀ ଉପସ୍ଥାପନ କରିଥିବାବେଳେ ଡାକ୍ତର ସଙ୍କେତ କୁମାର ସାହୁ, ଆୟୁଷ ଡାକ୍ତର ସଞ୍ଜୀବ ସାହୁ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ହେମନ୍ତ କୁମାର ସାହୁ, ଗୋଷ୍ଠୀ ହିସାବ ରକ୍ଷକ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ପରେ ବିଧାୟକ ରୋଗୀମାନଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହ ପରିସର ବୁଲି ଦେଖିଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୂହିକ ବ୍ରତୋପନୟନ ପାଇଁ ପ୍ରସ୍ତୁତି ବୈଠକ

ବଅଁରପାଳ,୨୪।୧୧(ସୁବାସ ସାହୁ)

ନାଲ୍‌କୋ ନଗର ମନ୍ଦିର କମିଟି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆସନ୍ତା ଜାନୁଆରୀ ୧୬ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର କମିଟି ଉପସଭାପତି ସତ୍ୟବାଦୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷ ଭଳି ବିଭିନ୍ନ ଅଞ୍ଚଳର ଗରିବ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନକୁ ବିନା ଖର୍ଚ୍ଚରେ କରାଯିବାର ବ୍ୟବସ୍ଥା କରାଯିବ। ଅନାଥ, ଦିବ୍ୟାଙ୍ଗ ଓ ଦୁରାରୋଗ୍ୟ ପୀଡ଼ିତ ପରିବାରର ପିଲାଙ୍କୁ ଅଗ୍ରାଧିକାର ଦିଆଯିବ। ବ୍ରତର ସମସ୍ତ ଖର୍ଚ୍ଚ ନାଲ୍‌କୋନଗର ଜଗନ୍ନାଥ ମନ୍ଦିର କମିଟି ତରଫରୁ ଯୋଗାଇ ଦିଆଯିବ। ଆସନ୍ତା ଡିସେମ୍ବର ୧୬ତାରିଖ ମଧ୍ୟରେ ନାଲ୍‌କୋ ନଗର ଜଗନ୍ନାଥ ମନ୍ଦିର ଅଫିସରେ ନାମ ପଞ୍ଜୀକରଣ କରିବା ପାଇଁ ମନ୍ଦିର ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ବୈଠକରେ ମନ୍ଦିର କମିଟି ସଦସ୍ୟ ନିର୍ମଳ ଚନ୍ଦ୍ର ବାରିକ, ସଞ୍ଜୟ କୁମାର ପ୍ରଧାନ, ପ୍ରଦୀପ୍ତ କୁମାର ପଣ୍ଡା, ଆଦିତ୍ୟ କୁମାର ସାମଲ, ଡ.ରାଧାମାଧବ ଦାଶ ଓ ରଞ୍ଜିତ କୁମାର ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




# ମର୍ନିଂଷ୍ଟାର କ୍ରିକେଟ: ହିନ୍ଦୋଳ ଚାମ୍ପିୟନ

ଅନୁଗୋଳ,୨୪।୧୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର କଦମ ପଡିଆଠାରେ ଆୟୋଜିତ ୮ମ ମର୍ନିଂଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଖେଳାଯାଇଥିଲା। ଏଥିରେ ତେଜୱାରିଅର୍ସ ମୂଷାପାପୁଲି ଅନୁଗୋଳକୁ ହରାଇ ହିନ୍ଦୋଳ ଟିମ୍ ଚାମ୍ପିୟନ ହୋଇଥିଲା। ୩ଟି ଫାଇନାଲ ମ୍ୟାଚରୁ ପ୍ରଥମ ମ୍ୟାଚରେ ହିନ୍ଦୋଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୮୭ ରନ କରିଥିଲା। ଜବାବରେ ମୂଷାପାପୁଲି ୬୧ ରନରେ ସୀମିତ ରହିଥିଲା। ଦ୍ୱିତୀୟ ମ୍ୟାଚରେ ହିନ୍ଦୋଳ ୮ ଉଇକେଟରେ ବିଜୟୀ ହେବା ସହ ମର୍ନିଂଷ୍ଟାର କ୍ରିକେଟ କପ୍ ହାତେଇ ନେଇଥିଲା। ଗୁମନ ନାୟକ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜେନେରାଲ ମ୍ୟାନେଜର ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଜୟନ୍ତ କୁମାର ମହାନ୍ତି, ଡା. ସୁଶାନ୍ତ କୁମାର ପଣ୍ଡା, ଟ୍ରକ୍ ମାଲିକ ସଂଘ ଉପ ସଭାପତି ଅମରେଶ ସ୍ୱାଇଁ, ତାପସ ମହାନ୍ତି ଓ ମର୍ନିଂଷ୍ଟାର କ୍ଲବ ସଭାପତି ମାୟାଧର ମିଶ୍ର, ସମ୍ପାଦକ ରଞ୍ଜନକୁମାର ଧିର ସାମନ୍ତ, ସମରେନ୍ଦ୍ର ସ୍ୱାଇଁ ଓ ମର୍ନିଂଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜୟକୃଷ୍ଣ ରାଉତ ଓ ଅନିଲ କୁମାର ଗଡ଼ନାୟକ, ସଞ୍ଜୀବ ପାତ୍ର ଖେଳ ପରିଚାଳନା କରିଥିଲେ। ଅଭୟ କୁମାର ପାଢ଼ୀ ଓ ରାମଚନ୍ଦ୍ର ସାହୁ ସ୍କୋର ବୋର୍ଡ ଦାୟିତ୍ୱରେ ଥିବାବେଳେ କମଲ ମାଣ୍ଡୋଠିଆ କମେଣ୍ଟ୍ରି କରିଥିଲେ। ଅତିଥିଙ୍କ ଦ୍ୱାରା ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।




# ତାଳଚେର ଜେସିଆଇର ୬ଷ୍ଠ ସ୍ଥାପନା ଦିବସ

ତାଳଚେର,୨୪।୧୧ (ମନୋଜ ନନ୍ଦ)



ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖାର ୬ଷ୍ଠ ସ୍ଥାପନା ଦିବସ ଶନିବାର ପାଳିତ ହୋଇଯାଇଛି। ନୂତନ ସଭାପତି ମହେଶ ଅଗ୍ରୱାଲ ଶପଥ ଗ୍ରହଣ କରିଥିଲେ। ବିଦାୟୀ ସଭାପତି କୁଶଳ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତାଳଚେର ଉପ ଆରକ୍ଷୀ ଅଧୀକ୍ଷକ ମାନସ ରଞ୍ଜନ ବାରିକ ମୁଖ୍ୟ ଅତିଥି, ବ୍ୟବସାୟୀ ସଂଘ (କେଟ)ର ଅନୁଗୋଳ ଜିଲା ଅଧ୍ୟକ୍ଷ କମଳ ଅଗ୍ରୱାଲ, ଜେସିଆଇ ଜୋନ୍ ସଭାପତି ଅମନ ଶୁକ୍ଳା, ପୂର୍ବତନ ଜୋନ୍ ସଭାପତି ଆଶିଷ ଅଗ୍ରୱାଲ, ଉପଦେଷ୍ଟା ଡ. ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ସେବା ଦିଗରେ ଜେସିଆଇ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ସମାଜର ଅବହେଳିତ, ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କ ପ୍ରତି ସହଯୋଗ ବଜାୟ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦାୟୀ ସଭାପତି କୁଶଳ ଅଗ୍ରୱାଲ ବିବରଣୀ ପାଠ କରିବା ସହିତ ବିଗତ ବର୍ଷରେ ଜେସିଆଇର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ଜୋନ୍ ସଭାପତି ଆଶିଷ ଅଗ୍ରୱାଲ ନୂତନ ସଭାପତି ଓ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଚଳିତବର୍ଷ ଜେସିଆଇ ପକ୍ଷରୁ ଚାରାରୋପଣ, ପାନୀୟ ଜଳ ପ୍ରକଳ୍ପ, ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଟ୍ରେନିଂ, ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନୂତନ ସଭାପତି ମହେଶ ଅଗ୍ରୱାଲ ସୂଚନା ଦେଇଥିଲେ। ଜେସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ତାଳଚେର ଶାଖାର ପୂର୍ବତନ ସଭାପତି ରାକେଶ ଗୁପ୍ତା, ବାସୁଦେବ ସାହୁ, ଦୀପ୍ତି ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଅଗ୍ରୱାଲ, ସରୋଜ ଗିରି, ଶୁଭ ଆଚାର୍ଯ୍ୟ, ହିତେଶ ଅଗ୍ରୱାଲ, ଲିପିକା ମିଶ୍ର, ସ୍ନେହ ଅଗ୍ରୱାଲ, ତୃପ୍ତିମୟୀ ସାହୁ, ରୋଟାରି କ୍ଲବ ସମ୍ପାଦକ ଡ. ସସ୍ମିତା ସାହୁ, ସାମାଜିକ କର୍ମୀ ପ୍ରକାଶ ମହାରଣା, କ୍ଷୀରୋଦ ସାହୁ, ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧିଙ୍କ ସମେତ ଅନ୍ନପୂର୍ଣ୍ଣା ମହିଳା ପରିବାର, ମାରୱାଡି ମହିଳା ସମିତି କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।